ଗୋବିନ୍ଦ ଏ. ମାନେ ଏବଂ ଅନ୍ୟମାନେ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 5,2000

[ଏସ୍. ସାଘିର ଅହମ୍ମଦ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିକ୍ଷା - ନାମଲେଖା - ବି.ଏଡ. ପାଠ୍ୟକ୍ରମ - ପ୍ରତ୍ୟାଖ୍ୟାନ - ଜିଲ୍ଲା ଭିତ୍ତିକ ଆସନ ବଣ୍ଟନ - ଏପରି ବଣ୍ଟନ ଏବଂ ହାସଲ କରିବାକୁ ଚାହୁଁଥିବା ଉଦ୍ଦେଶ୍ୟ ମଧ୍ୟରେ ସମ୍ପର୍କ ଦର୍ଶାଇବା ପାଇଁ କୌଣସି ତଥ୍ୟ ନାହିଁ - ସାମ୍ବିଧାନିକ ବୈଧତା - ନିର୍ଣ୍ଣୟ: ଏପରି ଜିଲ୍ଲା-ଭିତ୍ତିକ ଆସନ ବଣ୍ଟନ ଭାରତୀୟ ସମ୍ବିଧାନର ଧାରା 14 ର ଉଲ୍ଲଂଘନ କରେ - ବିବାଦଟି ପାଞ୍ଚ ବର୍ଷ ପୂର୍ବରୁ ଉଦ୍ଭବ ହୋଇଥିବାରୁ, ପ୍ରଭାବିତ ପ୍ରାର୍ଥୀମାନଙ୍କୁ ବର୍ତ୍ତମାନ ଭର୍ତ୍ତି କରାଯାଇପାରିବ ନାହିଁ - ତଥାପି, ନୂତନ ଭର୍ତ୍ତି ସମୟରେ ସେମାନଙ୍କୁ ଭର୍ତ୍ତି ପାଇଁ ଅବସର ଦିଆଯିବ - ଭାରତୀୟ ସମ୍ବିଧାନ, 1950, ଧାରା 14 ।*

**ଆବେଦନକାରୀମାନେ ବି.ଏଡ ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଆବେଦନ କରିଥିଲେ କିନ୍ତୁ ସଫଳ ହୋଇନଥିଲେ ଏବଂ ତେଣୁ ଆବେଦନକାରୀମାନେ ଜିଲ୍ଲା-ଭିତ୍ତିକ ଆସନ ବଣ୍ଟନ ମନ୍ଦ ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ ଏହି ଆବେଦନ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ରାୟ ଦେଲେ : B.Ed. ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଜିଲ୍ଲାଭିତ୍ତିକ ଆସନ ବଣ୍ଟନ, ଏହି ବଣ୍ଟନ ଏବଂ ଲକ୍ଷ୍ୟ ମଧ୍ୟରେ କୌଣସି ସମ୍ପର୍କ ଦେଖାଇବାକୁ ପ୍ରମାଣ ନଥିଲେ, ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ହୁଏ ।**

*ମାଇନର ପି. ରାଜେନ୍ଦ୍ରନ* ବନାମ *ମାଡ୍ରାସ ରାଜ୍ୟ*, **ଏ. ଆଇ. ଆର. (1968) ଏସ. ସି. 1012** ଏବଂ ମାଇନର ଏ. ପେରିଆକାରୁପ୍ପାନ ବନାମ *ତାମିଲନାଡୁ ରାଜ୍ୟ*, **[1972] 2 ଏସ. ସି. ଆର. 430** ଉପରେ ନିର୍ଭର କରିଥିଲା ।

**2. ତଥାପି, ବିବାଦ ପାଞ୍ଚ ବର୍ଷ ପୂର୍ବରୁ ଉପୁନ୍ନ ହୋଇଥିବାରୁ, ଆବେଦନକାରୀମାନଙ୍କୁ B.Ed. ପାଠ୍ୟକ୍ରମରେ ଭର୍ତ୍ତି କରାଯାଇପାରିବ ନାହିଁ । କିନ୍ତୁ, ଯଦି ଉତ୍ତରଦାତାମାନେ ନୂତନ ଭର୍ତ୍ତି ପାଇଁ ଆଗାମୀ କୌଣସି ପଦକ୍ଷେପ ନେଇଥାନ୍ତି, ତେବେ ଆବେଦନକାରୀମାନଙ୍କୁ ଭର୍ତ୍ତି ପାଇଁ ଆବେଦନ କରିବାର ସୁଯୋଗ ଦିଆଯିବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2425 /2000

W.P. No. 4794 of 1996 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 24.6.1997 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସୁଶ୍ରୀ ସୁମନ ବାଲା ରାସ୍ତୋଗି ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. ଏସ୍. ସିନ୍ଦେ ଏବଂ ଏସ୍. ଭି. ଦେଶପାଣ୍ଡେ ।

ନ୍ୟାୟାଳୟର ରାୟ ଏସ୍. ସାହିର ଅହମ୍ମଦ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଅନୁମତି ଦିଆଗଲା ।

ଆବେଦନକାରୀମାନେ 63 ରୁ 65 ପ୍ରତିଶତ ପର୍ଯ୍ୟନ୍ତ ମାର୍କ ସହିତ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବି.ଏଡ ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଆବେଦନ କରିଥିଲେ । କିନ୍ତୁ ସେମାନେ ସଫଳ ହୋଇନଥିଲେ ଏବଂ ତେଣୁ ସେମାନେ ସମ୍ବିଧାନର ଅନୁଚ୍ଛେଦ 226 ଅନୁସାରେ ଉଚ୍ଚ ନ୍ୟାୟାଳୟକୁ ଆଶ୍ରୟ କରି, ଭର୍ତ୍ତି ପାଇଁ ପ୍ରାର୍ଥୀମାନଙ୍କ ଚୟନକୁ ଆପତ୍ତି କଲେ, ଯାହା ମଧ୍ୟରେ ଏକ ମୁଖ୍ୟ ଆଧାର ଥିଲା ଯେ ଚାରିଟି ଜିଲ୍ଲା ପରଭାନି, ନାନ୍ଦେଡ଼, ବିଡ୍ ଏବଂ ଲାତୁର ମଧ୍ୟରେ ଆସନଗୁଡିକର ଜିଲ୍ଲାଭିତ୍ତିକ ବଣ୍ଟନ ଯଥାକ୍ରମେ 200, 460, 310 ଏବଂ 640 ଆସନ ରଖାଯାଇଥିବା ଭଳି ବ୍ୟବସ୍ଥା ସଠିକ୍ ନଥିଲା । ଉଚ୍ଚ ନ୍ୟାୟାଳୟ ଏହାର 24.6.1997 ତାରିଖର ରାୟ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲା ଯାହା ବିରୁଦ୍ଧରେ ବର୍ତ୍ତମାନର ଆବେଦନ ଦାଖଲ କରାଯାଇଛି ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଯୁକ୍ତି କରିଛନ୍ତି ଯେ ବି.ଏଡ ପାଠ୍ୟକ୍ରମରେ ନାମଲେଖା ଏକ ସାଧାରଣ ପ୍ରବେଶ ପରୀକ୍ଷା ଉପରେ ଆଧାରିତ ଥିଲା ଏବଂ ତେଣୁ ବିଭିନ୍ନ ଜିଲ୍ଲାକୁ ଆସନ ବଣ୍ଟନ ସଠିକ୍ ନଥିଲା । ଏହା ଯୁକ୍ତି କରାଯାଉଛି ଯେ ଏକ ସାଧାରଣ ଯୋଗ୍ୟତା ତାଲିକା

ପ୍ରସ୍ତୁତ କରାଯିବା ଉଚିତ ଥିଲା ଏବଂ ସେହି ଆଧାରରେ, ଯୋଗ୍ୟତା ତାଲିକାରେ ସ୍ଥାନ ପାଇଥିବା ଛାତ୍ରମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଉଚିତ ଥିଲା ।

ଜିଲ୍ଲାଭିତ୍ତିକ ଭାବେ ଆସନ ବଣ୍ଟନ କରାଯାଇପାରିବ କି ନାହିଁ ବୋଲି ପ୍ରଶ୍ନଟି ଏହି ନ୍ୟାୟାଳୟ ଦ୍ୱାରା *ମାଇନର ପି. ରାଜେନ୍ଦ୍ରନ* ବନାମ *ମାଡ୍ରାସ ରାଜ୍ୟ ଏବଂ ଅନ୍ୟମାନେ, AIR (1968) SC* 1012 *= [1968] 2 SCR 786* ମାମଲାରେ ବିଚାର କରାଯାଇଥିଲା ଏବଂ ଏହା ଧାରଣା କରାଯାଇଥିଲା ଯେ ପ୍ରଥମ ବର୍ଷ ସମନ୍ୱିତ M.B.B.S. ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଜିଲ୍ଲାଭିତ୍ତିକ ଆସନ ବଣ୍ଟନ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ଅଟେ । ଏହା, ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନମତେ ପାଳନ କରାଯାଇଥିଲା:-

> " (11) ଜିଲ୍ଲାୱାରୀ ଆବଣ୍ଟନ ଧାରା 14ର ଉଲ୍ଲଙ୍ଘନ କି, ଏହି ପ୍ରଶ୍ନ ମେଡିକାଲ କଲେଜଗୁଡ଼ିକରେ ନାମଲେଖା ପ୍ରସଙ୍ଗରେ କ "ଣ ଲକ୍ଷ୍ୟ ହାସଲ କରାଯିବ ତାହା ଉପରେ ନିର୍ଭର କରିବ । ଉପଲବ୍ଧ ଆସନ ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ଚୟନ କରିବାକୁ ପଡ଼ିବ । ଚୟନ କରିବାର ଉଦ୍ଦେଶ୍ୟ କେବଳ ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ପାଇଁ ବ୍ୟବସ୍ଥା ଅଧୀନରେ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ସାମଗ୍ରୀ ସୁରକ୍ଷିତ କରିବା ହୋଇପାରେ । ଏହାସହିତ, ଚୟନ ସାମାଜିକ ଏବଂ ଶିକ୍ଷାଗତ ଭାବେ ପଛୁଆ ଶ୍ରେଣୀରୁ ହେଉ କିମ୍ବା ସାଧାରଣ ଶ୍ରେଣୀରୁ, ଚୟନର ଲକ୍ଷ୍ୟ ହେଉଛି ଉଭୟ ଉତ୍ସରୁ ସର୍ବୋତ୍କୃଷ୍ଟ ପ୍ରତିଭାକୁ ନିଶ୍ଚିତ କରିବା । ଯଦି ସେହିଟା ଲକ୍ଷ୍ୟ ଥାଏ, ତେବେ ଜିଲ୍ଲାଭିତ୍ତିକ ଭାବେ ଆସନ ବଣ୍ଟନ କରାଯାଏ ତେବେ ସେହି ଲକ୍ଷ୍ୟ ନିଶ୍ଚିତ ଭାବେ ବିଫଳ ହେବ । ଏହା ଅସ୍ୱୀକାର କରାଯାଇପାରିବ ନାହିଁ କି ଚୟନ କରିବାର ଉଦ୍ଦେଶ୍ୟ ହେଉଛି ଦୁଇ ସୂତ୍ରରୁ ସର୍ବୋତ୍ତମ ସମ୍ଭାବ୍ୟ ପ୍ରତିଭାଙ୍କୁ ସୁରକ୍ଷିତ କରିବା ଯାହାଦ୍ୱାରା ଦେଶରେ ସର୍ବୋତ୍ତମ ସମ୍ଭାବ୍ୟ ଡାକ୍ତର ରହିପାରିବେ । ଯଦି ଏହା ହେଉଛି ଉଦ୍ଦେଶ୍ୟ, ତେବେ ଆବେଦନକାରୀ/ଅଭିଯୋଗକାରୀଙ୍କ ତରଫରୁ ଯୁକ୍ତି ହେଉଛି ଯେ ଜିଲ୍ଲା ଅନୁଯାୟୀ ଆସନ ବଣ୍ଟନ କରି ଏହି ଉଦ୍ଦେଶ୍ୟକୁ ପୂରଣ କରାଯାଇପାରିବ ନାହିଁ । ଏହା ସତ୍ୟ ଯେ ଅନୁଚ୍ଛେଦ 14 ବର୍ଗୀକରଣକୁ ନିଷେଧ କରେ ନାହିଁ, କିନ୍ତୁ ବର୍ଗୀକରଣ ଏବଂ ସାଧ କରିବାକୁ ଚାହୁଁଥିବା ଲକ୍ଷ୍ୟ ମଧ୍ୟରେ ସମ୍ପର୍କ ଆଧାରରେ ତାହାକୁ ଯୁକ୍ତିସଙ୍ଗତ ସାବ୍ୟସ୍ତ କରିବା ଆବଶ୍ୟକ, ଯଦିଓ ଧାରଣା କରାଯାଉଛି ଯେ ଭୌଗୋଳିକ ବର୍ଗୀକରଣ ଏକ ଯୁକ୍ତିସଙ୍ଗତ ବର୍ଗୀକରଣ ହୋଇପାରେ । ତଥାପି, କେବଳ ବର୍ଗୀକରଣଟି ନିଜେ

> ଯୁକ୍ତିସଙ୍ଗତ ଥିବା ମାତ୍ରେ ତାହାକୁ ସମର୍ଥନ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ, ଯେପର୍ଯ୍ୟନ୍ତ ବର୍ଗୀକରଣ ଏବଂ ସାଧ କରିବାକୁ ଥିବା ଲକ୍ଷ୍ୟ ମଧ୍ୟରେ ସମ୍ପର୍କ ନଥାଏ । ଏହିପରି, ଆମେ ଯେପରି ମାମଲା ସହିତ ସମ୍ବନ୍ଧିତ, ସେଥିରେ ପେଶାଗତ ମହାବିଦ୍ୟାଳୟଗୁଡ଼ିକରେ ଭର୍ତ୍ତି ପାଇଁ ସର୍ବୋତ୍କୃଷ୍ଟ ପ୍ରତିଭାକୁ ଚୟନ କରିବା ଲକ୍ଷ୍ୟ ଥିବାରୁ, ଜିଲ୍ଲାଭିତ୍ତିକ ଆସନ ବଣ୍ଟନର ସେହି ଲକ୍ଷ୍ୟ ସହିତ କୌଣସି ଯୁକ୍ତିସଙ୍ଗତ ସମ୍ପର୍କ ନାହିଁ । ଯଦି କିଛି ହୁଏ, ଏପରି ବଣ୍ଟନ ଅନେକ ମାମଲାରେ ଲକ୍ଷ୍ୟକୁ ନଷ୍ଟ କରିଦେବ; ଏବଂ ଯଦି ଏପରି ହୁଏ, ତେବେ ବର୍ଗୀକରଣଟି ଯଥାଚିତ ହେଉଥିଲେ ମଧ୍ୟ ବିଭେଦ ସୃଷ୍ଟି କରିବ, କାରଣ ଗୋଟିଏ ଜିଲ୍ଲାର ଅଧିକ ଯୋଗ୍ୟ ପ୍ରାର୍ଥୀମାନେ ବାଦ ପଡ଼ିପାରନ୍ତି ଯେତେବେଳେ ଅନ୍ୟ ଜିଲ୍ଲାର କମ୍ ଯୋଗ୍ୟ ପ୍ରାର୍ଥୀମାନେ ଦୁଇଟି ଉତ୍ସରୁ କୌଣସି ଗୋଟିଏ ମାଧ୍ୟମରେ ଭର୍ତ୍ତି ହୋଇପାରନ୍ତି ।”

ଏହି ନିଷ୍ପତ୍ତିକୁ (ମାଇନର) *ଏ. ପେରିଆକାରୁପ୍ପାନ* ବନାମ *ତାମିଲନାଡୁ ରାଜ୍ୟ ଏବଂ ଅନ୍ୟମାନେ, AIR (1971) SC 2303* = [1972] 2 SCR 430 = [1971] 1 SCC 38 ମାମଲାରେ ଅନୁସରଣ କରାଯାଇଥିଲା, ଯେଉଁଥିରେ ନିମ୍ନପ୍ରକାରେ ନିର୍ଦ୍ଦିଷ୍ଟ କରାଯାଇଥିଲା:-

> “କୌଣସି ବର୍ଗୀକରଣକୁ ଯୁକ୍ତିସଙ୍ଗତ କରିବା ପୂର୍ବରୁ, ଏହା ଏକ ବସ୍ତୁନିଷ୍ଠ ମାନଦଣ୍ଡ ଉପରେ ଆଧାରିତ ହେବା ଆବଶ୍ୟକ ଏବଂ ତାହା ସହିତ ଉଦ୍ଦିଷ୍ଟ ଲକ୍ଷ୍ୟ ସହିତ ଯୁକ୍ତିସଂଗତ ସମ୍ପର୍କ ମଧ୍ୟ ରହିବା ଆବଶ୍ୟକ ।” ବର୍ତ୍ତମାନର ମାମଲାରେ ହାସଲ କରିବାକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ହେଉଛି ଭେଷଜ ମହାବିଦ୍ୟାଳୟରେ ଭର୍ତ୍ତି ହେବା ପାଇଁ ସର୍ବୋତ୍ତମ ପ୍ରାର୍ଥୀ ଚୟନ କରିବା । ଗ୍ରହଣ କରାଯାଇଥିବା ପଦ୍ଧତି ଦ୍ୱାରା ସେହି ଉଦ୍ଦେଶ୍ୟ ସନ୍ତୋଷଜନକ ଭାବରେ ହାସଲ କରାଯାଇପାରିବ ନାହିଁ । ଆବେଦକମାନଙ୍କର ଅଭିଯୋଗ ହେଉଛି ଯେ, ଏକକଭିତ୍ତିକ ଆସନ ବଣ୍ଟନ 1967-68 ରେ ଚେଷ୍ଟା କରାଯାଇଥିବା ଜିଲ୍ଲାଭିତ୍ତିକ ବଣ୍ଟନର ଅନ୍ୟ ରୂପ ମାତ୍ର, ଏବଂ ଏହି ଯୁକ୍ତିରେ କିଛି ଭିତ୍ତି ରହିଛି; ତଥାପି, ନଥିରେ ଥିବା ତଥ୍ୟ ଆଧାରରେ ଆମେ ଏହା କହିବାକୁ ଯୋଗ୍ୟ ନୁହେଁ ଯେ ଏକକଭିତ୍ତିକ ବଣ୍ଟନ କୌଣସି ପାର୍ଶ୍ୱ ଉଦ୍ଦେଶ୍ୟ ପାଇଁ କରାଯାଇଥିଲା । ଏତିକି କହିବା ପର୍ଯ୍ୟାପ୍ତ ଯେ,ଏକକ ଆଧାରରେ ଆସନ ବଣ୍ଟନ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 15 ର ଉଲ୍ଲଂଘନ କରେ । ଆବେଦକଙ୍କୁ କୌଣସି ଗୋଟିଏ ଏକକକୁ ଆବେଦନ କରିବାର ସ୍ୱାଧୀନତା ଥିବା ସତ୍ତ୍ୱେ ମଧ୍ୟ, ଏହା ଯୋଜନାକୁ ଅନୁଚ୍ଛେଦ 14 ଓ 15 ର ଅସୁବିଧାରୁ ବାହାର କରିପାରେ ନାହିଁ । ଏହା ମନେ

ରଖାଯାଇପାରିବ ଯେ ଛାତ୍ରଛାତ୍ରୀମାନଙ୍କୁ ଯଥାସମ୍ଭବ ସେମାନଙ୍କ ବାସସ୍ଥାନର ନିକଟତମ ପ୍ରତିଷ୍ଠାନରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା ।

ତେଣୁ, ଏହି ନ୍ୟାୟାଳୟ ଦ୍ୱାରା ଆଇନ ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ  ଖାରଜ କରିବାରେ ନ୍ୟାୟସଙ୍ଗତ ନଥିଲା । ଯେହେତୁ ପ୍ରତିବାଦୀମାନଙ୍କ ଦ୍ୱାରା ଏହା ବିବାଦିତ ନୁହେଁ ଯେ B.Ed. ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଆସନଗୁଡ଼ିକୁ ଜିଲ୍ଲାଭିତ୍ତିକ ଭାବେ ବଣ୍ଟନ କରାଯାଇଥିଲା ଏବଂ ସେହି ବଣ୍ଟନ ଓ ଉଦ୍ଦିଷ୍ଟ ଲକ୍ଷ୍ୟ ମଧ୍ୟରେ କୌଣସି ସମ୍ପର୍କ ରହିଛି ବୋଲି ପ୍ରମାଣ କରିବା ପାଇଁ କୌଣସି ତଥ୍ୟ ଦର୍ଶାଯାଇନଥିଲା, ତେଣୁ ଏହା ସମ୍ବିଧାନର ଧାରା 14 ର ଉଲ୍ଲଂଘନ ହେବ ।

ଦୁର୍ଭାଗ୍ୟବଶତଃ, ସମଗ୍ର ମାମଲାଟି 1995 ବର୍ଷ ସହ ଜଡ଼ିତ ଏବଂ ଆଜି, ପାଞ୍ଚ ବର୍ଷର ଅବସାନ ପରେ, ଆବେଦନକାରୀମାନଙ୍କୁ ବି. ଏଡ ପାଠ୍ୟକ୍ରମରେ ଭର୍ତ୍ତି କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେବା ସମ୍ଭବ ହେବ  ନାହିଁ । କେବଳ ଏତିକି କୁହାଯାଇପାରିବ ଯେ ଯଦି ବି.ଏଡ ପାଠ୍ୟକ୍ରମରେ ନୂତନ ନାମଲେଖା ପାଇଁ ଉତ୍ତରଦାତାମାନଙ୍କ ଦ୍ୱାରା ଆଉ କୌଣସି ପଦକ୍ଷେପ ନିଆଯାଏ, ତେବେ ଆବେଦନକାରୀମାନଙ୍କୁ ମଧ୍ୟ ସେହି ପାଠ୍ୟକ୍ରମରେ ନାମଲେଖା ପାଇଁ ସୁଯୋଗ ଦିଆଯିବ ।

ଏହିହେତୁ, ଆବେଦନଟି ଖାରଜ କରାଯାଉଛି, କିନ୍ତୁ ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ଦିଆଯାଇନାହିଁ ।

ଭି.ଏସ୍.ଏସ୍.                                                                 ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:<br>
ଅନୁବାଦିକା:<br>
ତପସ୍ୱିନୀ ବିଶ୍ୱାଳ<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,<br>
କଟକ ।